### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ତାଲିମ

ରାଇଘର,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ଅଧୀନ କୁସୁମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ ଶିକ୍ଷା ବିଭାଗ ଦ୍ୱାରା ଗୋଷ୍ଠି ଶିକ୍ଷା ଆନୁକୂଲ୍ୟରେ ଏକ ଦିବସୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟତ୍ରୀ ଶିକ୍ଷକଙ୍କ ତାଲିମ ଶିବିରକୁ ରାଇଘର ଏବିଇଓ ସୋନା ମାଝୀ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସରକାରୀ ସୁବିଧା ସୁଯୋଗ , ସହାୟକ ଉପକରଣ ବିଷୟରେ ଆଲୋଚନା କରାଯାଇଥିଲା। ସାଧନା କର୍ମୀ ଶୁକଦେବ ମଲିକ ଏବଂ ଶିକ୍ଷକ ଶିବରାମ ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହର୍ଷ ମହାପାତ୍ର, ସିଆର୍‌ସିସି ଗୋପୀନାଥ ବିଶ୍ୱାସଙ୍କ ସମେତ ଶିକ୍ଷକ ଓ ଅନ୍ୟ ସିଆର୍‌ସିସି କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ। ୪୮ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକ ଉପସ୍ଥିତ ଥିଲେ।

# ନାଚଗୀତରେ ଦୁଲୁକିଲା ମୁଖ୍ୟ ରାସ୍ତା

## ଜୟପୁର ପୌରାଞ୍ଚଳସ୍ତରୀୟ ପରବ ଉଦ୍‌ଘାଟିତ

ଜୟପୁର, ୨୭।୧୧(ନି.ପ୍ର.)

ଜୟପୁର ପୌରାଞ୍ଚଳସ୍ତରୀୟ 'ପରବ' ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅଧିଷ୍ଠାତ୍ରୀ ଦେବୀ ମାଁ ଭଗବତୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମଶାଲ ବାହାରିଥିଲା। ରଜାନହର ଭିତରେ ଥିବା ମାଁ କନକଦୁର୍ଗା ମନ୍ଦିରକୁ ମଶାଲ ଯାଇ ପୂଜା କରାଯିବା ପରେ ମୁଖ୍ୟ ରାସ୍ତା ଦେଇ ଦଶହରା ପଡ଼ିଆକୁ ଯାଇଥିଲା। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାଲ ଧରି ଜୟପୁର ପୌରାଞ୍ଚଳ ପରବକୁ ଉଦ୍‌ଘାଟନ କରିଥିଲେ। ନାଚ, ଗୀତ, ବାଜାରେ ମୁଖ୍ୟ ରାସ୍ତା ଦୁଲୁକିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପଜିଲାପାଳ ବେଦବର ପ୍ରଧାନ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ପୌର ଉପାଧ୍ୟକ୍ଷା ବି. ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏସ୍‌ଡିପିଆର୍‌ଓ ଯଶୋଦା ଗାଦବା, ଟାଉନ ଥାନାଧିକାରୀ ସସ୍ମିତ ବେହେରାଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ। ୨୮ ଓ ୨୯ ତାରିଖରେ ଦଶହରା ପଡ଼ିଆରେ ବିଭିନ୍ନ ଖେଳ ଓ ଟାଉନ ହଲ୍‌ରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଛି।ଆସନ୍ତା ୩ତାରିଖରେ ପୌରାଞ୍ଚଳ ପରବର ମୁଖ୍ୟ ଉତ୍ସବ ଅନୁଷ୍ଠିତ ହେବ ।


ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କଳାକାରମାନଙ୍କ ସହ ମିଶି ନୃତ୍ୟ ପରିବେଷଣ କରୁଛନ୍ତି।

## ପରମ୍ପରାକୁ ଜୀବିତ ରଖେ 'ପରବ'


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

କୁନ୍ଦୁରା, (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ପଞ୍ଚାୟତ ସଦରରେ ପରବର ରୌପ୍ୟ ଜୟନ୍ତୀ ଆଦିବାସୀ ରୀତିନୀତିରେ ପାଳନ କରାଯାଇଛି। ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି ସ୍ଥାନୀୟ ଅଞ୍ଚଳବାସୀ ମିଶି ଆଦିବାସୀ ନୃତ୍ୟ, ଗୀତ ପରିବେଷଣ କରିଥିଲେ।

ସାଇ ଲୋଡି ନୃତ୍ୟ, ସାଇଲୋଡି ଗୀତ, ଢେମସା ନୃତ୍ୟ ,ଗୀତ ପରିବେଷଣ କରିଥିଲେ ଜିଲା ପରିଷଦ ସଭ୍ୟ କନକଲତା ପେଣ୍ଡିଆ। ପୁରୁଣା ଲୋକ ନୃତ୍ୟଗୁଡିକୁ ଯୁବପିଢ଼ି ଭୁଲିଯାଉଥିବା କହି ଏହାକୁ ପରିବେଷଣ କରିଥିଲେ ଡଙ୍ଗରପାଉଁଶି ପଞ୍ଚାୟତ ପିଇଓ ଭୂପେନ ଜାନି। ଡଙ୍ଗରପାଉଁଶି ସରପଞ୍ଚ ଘାସି ଭତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରବ ବୈଠକରେ କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତହସିଲଦାର ଆୟୁବ ମଣ୍ଡଳ, ଜିଲା ପରିଷଦ ଉପାଧ୍ୟକ୍ଷା ରାଧା ବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ତରୁଣୀସେନ ବିଷୋୟୀ, ପରବ ଆବାହକ ରାଧାନାଥ ଭଞ୍ଜ, ଜିଲା ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ନାଏବ ସରପଞ୍ଚ ଡୁଳାତି ସରାବୁ, ସମିତି ସଭ୍ୟା ମମତା ଭଞ୍ଜ, ଶିକ୍ଷାବିତ୍ ଉଦୟନାଥ ସାହୁ ଯୋଗ ଦେଇଥିଲେ। ପରମ୍ପରାକୁ ଜୀବିତ ରଖିବା ପରବର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ ସାହୁ,ନାରାୟଣ ଭଞ୍ଜ,ସୁକାନ୍ତ ସାହୁ, ସୁବାସ ସରାବୁ, ରାମକୃଷ୍ଣ ପାତ୍ର, ବିଜୟ ସାହୁ, ବିଜୟ ଭଞ୍ଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୁଟ୍ ଘଟଣାରେ ୨ ଗିରଫ

କୋରାପୁଟ, ୨୭।୧୧(ସ୍ୱ.ପ୍ର.)

କୋରାପୁଟ-ରାୟଗଡ଼ା ୩୨୬ ନଂ. ଜାତୀୟ ରାଜପଥର ବଙ୍ଗଳାଗୁଡ଼ା ନିକଟରେ ଶୁକ୍ରବାର ଏକ କାର ଅଟକାଇ ଲୁଟ୍ କରିବା ଘଟଣାରେ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଡ୍ରିଗୁଡ଼ାର ପୀତବାସ ଜାନୀ ଓ ଜାନିଗୁଡ଼ାର ରାଜୀବ ଜାନୀ। ସଦର ଥାନାଧିକାରୀ କିରଣବାଳା ସାମଲଙ୍କ ସୂଚନାନୁଯାୟୀ, ନେରେଗା ଗ୍ରାମର ବୁଲୁ ଟାକ୍ରୀ ନିଜ କାରରେ କୋରାପୁଟରୁ ଘରକୁ ଯାଉଥିବାବେଳେ ଅଭିଯୁକ୍ତମାନେ ବଙ୍ଗଳାଗୁଡ଼ା ନିକଟରେ କାର ଅଟକାଇ କାଚ ଭାଙ୍ଗିଦେବା ସହ ୨୫୦୦ ଟଙ୍କା ଲୁଟି ନେଇଥିଲେ। ଏ ନେଇ ବୁଲୁ କୋରାପୁଟ ସଦର ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ସାମଲ ଓ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି। ପୋଲିସ ସେମାନଙ୍କଠାରୁ ଲୁଟ୍ ଟଙ୍କା ସହ ମାରଣାସ୍ତ୍ର ଓ ଏକ ମୋଟରସାଇକେଲ ଜବତ କରିଛି। ପୋଲିସ ନଂ.୧୮୯/୨୨ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

## ଏକତା, ଶୃଙ୍ଖଳାର ଗୁରୁତ୍ୱ ନେଇ ଆଲୋଚନା

### ଏନ୍‌ସିସି ଦିବସ ପାଳିତ

ରାୟଗଡ଼ା ଅଫିସ,୨୭।୧୧


ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ। ଉତ୍କଳ ଆଲୁମିନାର ଜେନେରାଲ ମ୍ୟାନେଜର ଲୋପାମୁଦ୍ରା ପ୍ରିୟଦର୍ଶିନୀ, ମହାବିଦ୍ୟାଳୟ ଅଧ୍ୟକ୍ଷା ଭି. ଆର୍. ରତ୍ନଶ୍ରୀ, ବରିଷ୍ଠ ପ୍ରାଧ୍ୟାପକ ପ୍ରସନ୍ନ କୁମାର ଗନ୍ତାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଏନ୍‌ସିସିର ମହତ୍ତ୍ୱ ଏବଂ ଏହାର ମୋଟୋ ଏକତା ଏବଂ ଶୃଙ୍ଖଳାର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଏନ୍‌ସିସିର ଉଭୟ ବାଳିକା ବାଳକ କ୍ୟାଡେଟ୍ ପ୍ୟାରେଡ଼ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଏନ୍‌ସିସି ଅଫିସର ଲିଉଟନାଣ୍ଟ ଅର୍ଚ୍ଚନା ପଟ୍ଟନାୟକ ଏବଂ ଲିଉଟନାଣ୍ଟ ଉଦୟ ନାୟକ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ. ଜ୍ୟୋତ୍ସ୍ନା ଧନ୍ୟବାଦ ଦେଇଥିଲେ।




## ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୭।୧୧ (ନି.ପ୍ର.)

ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ। ସେ ହେଲେ ଜୟପୁର ସଦର ଥାନା ଅଧୀନ ବାରିଣୀପୁଟ ଗେଟଗୁଡ଼ାର କୈଳାସ ଚାଲାଣ (୨୫)। ତାଙ୍କ ନାମରେ ୨୦୧୮ରୁ ଏକ ଆପରାଧିକ ମାମଲା ଜୟପୁର ସଦର ଥାନାରେ ରହିଥିଲା। ସେହି ଦିନରୁ ସେ ଫେରାର ଥିଲେ। ରବିବାର ଗେଟଗୁଡ଼ାରେ ଚଢ଼ାଉ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି ବୋଲି ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ସଡ଼କ ସୁରକ୍ଷା ବାର୍ତ୍ତା ଦେଲେ କ୍ୟାଡେଟ୍

ବିଷମକଟକ,୨୭।୧୧(ଡି.ଏନ୍.ଏ.)

ବିଷମକଟକ ସ୍ଥିତ ମାଁ ମାର୍କମା ମହାବିଦ୍ୟାଳୟରେ ୭୫ ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଏନ୍‌ସିସି ଦିବସ ଉପଲକ୍ଷେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିସରରେ ଏନ୍‌ସିସିର ଏକ ନୂତନ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ଏହି ଅବସରରେ ଉଦ୍‌ଘାଟନ କରାଯାଇଥିଲା। ଶେଷରେ କ୍ୟାଡେଟ୍ ଏବଂ ଛାତ୍ରୀଛାତ୍ର କିପରି ଆଇଏଏସ୍, ଓଏଏସ୍‌ରେ ଯୋଗ ଦେଇପାରିବେ ଏବଂ ଓଇଏସ୍, ଓଏଫ୍ଏସ୍ କ୍ଷେତ୍ରରେ ଆଗ୍ରହୀ ହେବେ ସେ ନେଇ ଉତ୍ସାହିତ କରିଥିଲେ। କ୍ୟାଡେଟ୍‌ଙ୍କ ମଧ୍ୟରେ ଥିବା ସନ୍ଦେହକୁ ମଧ୍ୟ ଦୂର କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ସିସି ଅଫିସର କ୍ୟାପ୍‌ଟେନ ବି. ରବିଶଙ୍କର ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ଏନ୍‌ସିସି ଦିବସରେ କ୍ୟାଡେଟ ମାନେ ସଡ଼କ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ ମଧ୍ୟ କରିଥିଲେ।



ଜିଲାପାଳଙ୍କ ସହ ଏନ୍‌ସିସି କ୍ୟାଡେଟ୍ ମାନେ।



